# NATIONAL NEWS BULLETIN (ODIA)

**19 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତ-ପାକିସ୍ତାନ ସଂପର୍କରେ ବର୍ତ୍ତମାନର ବୈଦେଶିକ ନୀତି ଉପରେ ସଂସଦୀୟ ସ୍ଥାୟୀ କମିଟିକୁ ଆଜି ସୂଚନା ପ୍ରଦାନ କରିବେ ବୈଦେଶିକ ସଚିବ

- ଆଜିଠାରୁ ୬ ଦିନିଆ ନେଦରଲ୍ୟାଣ୍ଡ, ଡେନ୍‌ମାର୍କ ଏବଂ ଜର୍ମାନ ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ

- ବଲୋଚିସ୍ତାନରେ ବୋମା ବିସ୍ଫୋରଣରେ ୪ ମୃତ, ୨୦ ଆହତ

- ଆଇପିଏଲ୍ କ୍ରିକେଟରେ ଆଜି ମୁହାଁମୁହିଁ ହେବେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ

ଏବଂ

- ଏସୀୟ କ୍ରିକେଟ୍ ପରିଷଦ ଦ୍ୱାରା ପରିଚାଳିତ ୨ଟି ପ୍ରତିଯୋଗିତାରୁ ଓହରିଯିବାକୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡର ନିଷ୍ପତ୍ତି

## ଏଫ୍‌ଏସ୍-ବ୍ରିଫିଂ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ସନ୍ଧ୍ୟାରେ ଭାରତ ଓ ପାକିସ୍ତାନ ସଂପର୍କରେ ବର୍ତ୍ତମାନ ବୈଦେଶିକ ନୀତି ଉପରେ ସଂସଦୀୟ ସ୍ଥାୟୀ କମିଟିକୁ ସୂଚନା ପ୍ରଦାନ କରିବେ । ସେ କଂଗ୍ରେସ ସାଂସଦ ଶଶୀ ଥରୁର୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିକୁ ଅପରେସନ ସିନ୍ଦୂର ଏବଂ ପାକିସ୍ତାନ ସହିତ ପରବର୍ତ୍ତୀ ଯୁଦ୍ଧ

ବିରତି ଘୋଷଣା ସଂପର୍କରେ ସୂଚନା ଦେବେ ବୋଲି ଆଶା କରାଯାଉଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ପାକିସ୍ତାନ ଓ ପାକ୍ ଅଧିକୃତ ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀ ଶିବିର ଗୁଡ଼ିକ ଉପରେ ଭାରତର ପ୍ରତିଆକ୍ରମଣ ପରେ ସରକାରଙ୍କ ଜଣେ ଶୀର୍ଷ ଅଧିକାରୀ ପ୍ରଥମଥର ପାଇଁ ସଂସଦୀୟ ସ୍ଥାୟୀ କମିଟିରେ ସୂଚନା ପ୍ରଦାନ କରିବେ ।

## ଜୟଶଙ୍କର-ୟୁରୋପ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ନେଦରଲ୍ୟାଣ୍ଡ, ଡେନ୍ମାର୍କ ଏବଂ ଜର୍ମାନ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ୬ ଦିନିଆ ଗସ୍ତ ସମୟରେ ଡକ୍ଟର ଜୟଶଙ୍କର ୩ ଦେଶର ନେତୃତ୍ୱଙ୍କୁ ଭେଟିବେ ଏବଂ ଦ୍ୱିପାକ୍ଷିକ ସଂପର୍କ ଓ ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧିତ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ ।

ଏହି ଗସ୍ତ ଭାରତର ବର୍ତ୍ତମାନର କୂଟନୈତିକ କାର୍ଯ୍ୟକ୍ରମର ଏକ ଅଂଶ, ଯେଉଁଥିରେ ନେଦରଲ୍ୟାଣ୍ଡ୍, ଡେନ୍ମାର୍କ ଏବଂ ଜର୍ମାନ ସହ ରଣନୈତିକ ସଂପର୍କକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ବଲୁଚି-ରାଇଟ୍ସ ବଡି ପାକିସ୍ତାନ

ବଲୋଚ ଜାତୀୟ ଆନ୍ଦୋଳନର ମାନବାଧିକାର ବିଭାଗ ପାକିସ୍ତାନ ସରକାର ଦ୍ୱାରା ବଲୋଚିସ୍ତାନରେ ବଳପୂର୍ବକ ଲୋକମାନଙ୍କୁ ନିଖୋଜ ହେବା ଘଟଣାକୁ ନିନ୍ଦା କରିଛି । ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟକୁ ମାନବିକତା ବିରୋଧୀ ଅପରାଧ ବୋଲି କୁହାଯାଇଛି । ମାନବାଧିକାର ସଂସ୍ଥା କହିଛି, ଚଳିତମାସରେ ପାକିସ୍ତାନ ସେନା ଦ୍ୱାରା ବଲୋଚିସ୍ତାନରୁ ଆଉ ୭ ଜଣ ଲୋକଙ୍କୁ ବଳପୂର୍ବକ ନିଖୋଜ

କରାଯାଇଛି । ଗତ ସପ୍ତାହରେ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ଏପ୍ରିଲ୍ ମାସରେ ପାକିସ୍ତାନ ସେନା ଅନ୍ୟ ୫ ଜଣ ବ୍ୟକ୍ତିଙ୍କୁ ବଳପୂର୍ବକ ନିଖୋଜ କରାଇଥିଲେ । ସେଠାରେ କୌଣସି ଆଇନଗତ ପ୍ରକ୍ରିୟା କିମ୍ବା ୱାରେଣ୍ଟ ନ ଦର୍ଶାଇ ପାକିସ୍ତାନ ସେନା ପକ୍ଷରୁ ଲୋକମାନଙ୍କୁ ବଳପୂର୍ବକ ନିଆଯାଇଥାଏ ଓ ପରେ ସେମାନଙ୍କର ବିଷୟରେ କୌଣସି ଖୋଜ୍‌ଖବର ମିଳିନଥାଏ । ମାନବାଧିକାର ବିଭାଗ ପକ୍ଷରୁ ଏଭଳି ଅପରାଧମୂଳକ କାର୍ଯ୍ୟ ପାଇଁ ପାକିସ୍ତାନ ଉପରେ ଚାପ ପକାଯିବା ସହ ବଳପୂର୍ବକ ନିଖୋଜ ବ୍ୟକ୍ତିମାନଙ୍କୁ ତୁରନ୍ତ ମୁକ୍ତ କରାଯିବା ଲାଗି ଦାବି କରାଯାଇଛି ।

## ବଲୋଚିସ୍ତାନ-ବ୍ଲାଷ୍ଟ

ବଲୋଚିସ୍ତାନରେ ଗତକାଲି ଏକ ବୋମା ବିସ୍ଫୋରଣରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି । କିଲା ଅବଦୁଲ୍ଲା ଜିଲ୍ଲାର ଜବାର ମାର୍କେଟ୍‌ରେ ଏହି ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣସ୍ଥଳର ଆଖପାଖରେ ଥିବା କୋଠାଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଭୟର ବାତାବରଣ ଖେଳିଯାଇଥିଲା । ବିସ୍ଫୋରଣ ଯୋଗୁଁ ଅନେକ ଗୁଡ଼ିଏ ଦୋକାନ ଘର ସଂପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଥିବା ବେଳେ କେତେକ ପ୍ରତିଷ୍ଠାନରେ ନିଆଁ ମଧ୍ୟ ଲାଗିଯାଇଥିଲା । ପରେ ସଂପୃକ୍ତ ଅଞ୍ଚଳକୁ ଘେରାଉ କରାଯାଇ ତଲାସି ଅଭିଯାନ ଜାରି ରହିଥିବା କୁହାଯାଇଛି ।

## ଜେକେ -ସର୍ଚ ଅପରେସନ

ଜାମ୍ମୁକାଶ୍ମୀରରେ ଆଜି ସୁରକ୍ଷା ବାହିନୀ ରାଜୌରୀ ଏବଂ ପୁଞ୍ଚ୍ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ରାଜୌରୀ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ସନ୍ଦେହଜନକ ଗତିବିଧି ସଂପର୍କିତ ଖବର ମିଳିବା ପରେ ସୁରକ୍ଷାବଳ ପକ୍ଷରୁ ତଲାସୀ ଅଭିଯାନ କରାଯାଉଛି । ଗତକାଲି ରାତିରେ

ନୌସେରା ଅଞ୍ଚଳରେ ଜଣେ ମହିଳା ୩ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଥିବା ସୂଚନା ମିଳିବା ପରେ ସେହି ଅଞ୍ଚଳରେ ସୁରକ୍ଷାବଳ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ପୁଞ୍ଚ୍ ଜିଲ୍ଲାର ଜଙ୍ଗଲ ଅଞ୍ଚଳରେ ମଧ୍ୟ ମିଳିତ ବାହିନୀ ଦ୍ୱାରା ଆଉ ଏକ ତଲାସୀ ଅଭିଯାନ ଜାରି ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ରୋମାନିଆ-ପୋଲାଣ୍ଡ-ପର୍ତ୍ତୁଗାଲ ଇଲେକ୍ସନ

ୟୁରୋପୀୟ ରାଜନୀତିରେ ସଂଘ ସପକ୍ଷବାଦୀ ପ୍ରାର୍ଥୀ ଏବଂ ଦଳଗୁଡ଼ିକ ରୋମାନିଆ, ପୋଲାଣ୍ଡ ଏବଂ ପର୍ତ୍ତୁଗାଲରେ ହୋଇଥିବା ନିର୍ବାଚନରେ ସଫଳତା ହାସଲ କରିଛନ୍ତି । ରୋମାନିଆରେ ୟୁରୋପୀୟ ସଂଘ ସପକ୍ଷବାଦୀ ପ୍ରାର୍ଥୀ ନିକୁଶୋର ଡାନ୍ ଗତକାଲି ରାଷ୍ଟ୍ରପତି ନିର୍ବାଚନରେ ଜର୍ଜ ସିମିୟନ୍‌ଙ୍କୁ ପରାସ୍ତ କରିଛନ୍ତି । ଏହି ନିର୍ବାଚନକୁ ଭୌଗୋଳିକ ଜନମତ ସଂଗ୍ରହ ଭାବରେ ବିବେଚନା କରାଯାଉଥିଲା । ୯୯ ପ୍ରତିଶତ ଭୋଟ୍ ଗଣତି ପରେ ସିମିୟନ୍‌ଙ୍କୁ ୪୬ ପ୍ରତିଶତ ଭୋଟ୍ ମିଳିଥିବା ବେଳେ ଡାନ୍‌ଙ୍କୁ ୫୪ ପ୍ରତିଶତ ଭୋଟ୍ ମିଳିଥିଲା । ଦ୍ୱିତୀୟ ରାଉଣ୍ଡରେ ଡାନ୍ ୯ ଲକ୍ଷରୁ ଅଧିକ ଭୋଟ୍ ପାଇଥିଲେ ।

ପୋଲାଣ୍ଡରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଟ୍ରାଜାକୋସ୍କି ୩୧ ପ୍ରତିଶତରୁ ଅଧିକ ଭୋଟ୍ ପାଇଥିବା ବେଳେ ନାଓରୋକି ୨୯ ପ୍ରତିଶତ ଭୋଟ୍ ପାଇଛନ୍ତି । ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କ ସହିତ ଟ୍ରାଜାକୋସ୍କି ସାମାଜିକ ନୀତି ପାଇଁ ଜଣାଶୁଣା ।

ପର୍ତ୍ତୁଗାଲରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଲୁଇସ୍ ମୋଣ୍ଟେନେଗ୍ରୋଙ୍କ ନେତୃତ୍ୱାଧୀନ ଡେମୋକ୍ରାଟିକ୍ ଆଲିଆନ୍ସ ଗତକାଲିର ନିର୍ବାଚନରେ ବିଜୟୀ ହୋଇଥିଲେ ମଧ୍ୟ ସଂସଦୀୟ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ

ହୋଇଥିଲେ । ୯୯ ପ୍ରତିଶତ ଭୋଟ୍ ଗଣତି ହେବା ପରେ ମଣ୍ଟେନେଗ୍ରୋଙ୍କ ମୋଟ ୨୩୦ଟି ଆସନ ମଧ୍ୟରୁ ଅଣାନବେଟି ଆସନ ଅକ୍ତିଆର କରିଥିବା ବେଳେ ପୁଣି ଶାସନକୁ ଆସିବା ପାଇଁ ୧୧୬ଟି ଆସନ ଆବଶ୍ୟକ କରୁଛନ୍ତି ।

---

## ଶିବରାଜ ସିଂ

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ଚଳିତମାସ ୨୯ ତାରିଖରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହେବ । ଏହି ସର୍ବଭାରତୀୟ ଅଭିଯାନ ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । କୃଷକମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନ କରାଇବା ଏହି ଅଭିଯାନର ଉଦ୍ଦେଶ୍ୟ । ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି, ଏହି ଅଭିଯାନ ଦେଶର ୭୨୩ଟି ଜିଲ୍ଲାରେ ଚାଲିବ ଏବଂ ୧ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କ ପାଖରେ ପହଞ୍ଚିବ । ସେହି ସମୟ ମଧ୍ୟରେ ବୈଜ୍ଞାନିକମାନଙ୍କର ଏକ ଦଳ ୬୫ ହଜାର ଗ୍ରାମ ପରିଦର୍ଶନ କରି କୃଷକମାନଙ୍କୁ ବ୍ୟାବହାରିକ ଏବଂ ବୈଜ୍ଞାନିକ କୃଷି କୌଶଳ ସଂପର୍କରେ ତାଲିମ ଦେବେ । ପ୍ରତ୍ୟେକ ଦଳ ପ୍ରତିଦିନ ଜିଲ୍ଲାସ୍ତରରେ ୩ଟି ବୈଠକ କରିବେ ।

**V/O**

ଶ୍ରୀ ଚୌହାନ କହିଛନ୍ତି, କୃଷି' ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି, ଯାହା ଦେଶର ପ୍ରାୟ ଅଧା ଜନସଂଖ୍ୟାକୁ ଜିବିକା ଯୋଗାଉଛି ଏବଂ ଖାଦ୍ୟ ସୁରକ୍ଷାର ମୂଳଦୁଆ ପକାଉଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ରୂପାନ୍ତରକାରୀ ଅଭିଯାନ  ଜାରି ରହିଛି, ଯାହା ବିକଶିତ ଭାରତ

ଗଠନର ସ୍ୱପ୍ନକୁ ସାକାର କରିବ । ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି, ବିକଶିତ କୃଷି ଓ ସମୃଦ୍ଧ  କୃଷକ । ଦେଶରେ ଖାଦ୍ୟଶସ୍ୟର ଉତ୍ପାଦନ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଶ୍ରୀ ଚୌହାନ କହିଛନ୍ତି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **ଯକ୍ଷ୍ମାରୋଗର ନିରାକରଣ ଓ ଚିକିତ୍ସା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏମ୍ସର ପଲ୍ମୋନାରୀ ମେଡସିନ୍ ବିଭାଗର ସହକାରୀ ପ୍ରଫେସର ଡାକ୍ତର ସୌରଭ ମିତ୍ତଲ ଏବଂ ସଫଦରଜଙ୍ଗ ହସ୍ପିଟାଲ୍‌ର ପଲ୍ମୋନାରୀ ମେଡିସିନ୍ ବିଭାଗ ମୁଖ୍ୟ ଡାକ୍ତର ରୋହିତ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  ୦୧୧-୨୩୪୨୧୦୫୦  ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

## ମହାରାଷ୍ଟ୍ର-ଆକ୍ସିଡେଣ୍ଟ

ମହାରାଷ୍ଟ୍ରରେ ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି । ମୁମ୍ବାଇ-ଗୋଆ ରାଜପଥରେ ଯାଉଥିବା ଏକ କାର୍ ରତ୍ନଗିରି ନିକଟସ୍ଥ ଜାଗବୁଦୀ ନଦୀକୁ ଖସିପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ସଂପୃକ୍ତ କାର୍‌ରେ ଲୋକମାନେ ମୁମ୍ବାଇରୁ ଦେବରୁକ୍ ଯାତ୍ରା କରୁଥିଲେ । ଚାଳକଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା କୁହାଯାଇଛି । ଘଟଣାର ତଦନ୍ତ ଚାଲିଛି ।

---

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଲକ୍ଷ୍ନୌ ସୁପର ଜାଏଣ୍ଟ୍ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ଲକ୍ଷ୍ନୌର ଏକନା ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ ।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୧୦ ରନ୍‌ରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସ ୧୦ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଥିଲା । ଏଥିସହିତ ଉଭୟ ଦଳ ପ୍ଲେ ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

ଅଙ୍କ ତାଲିକାରେ ଗୁଜରାଟ ଟାଇଟନ୍ସ ୧୮ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ୧୭ ପଏଣ୍ଟ ସହ ଆର୍.ସି.ବି ଦ୍ୱିତୀୟ ସ୍ଥାନରେ ଓ ପଞ୍ଜାବ କିଙ୍ଗ୍‌ସ ତୃତୀୟ ସ୍ଥାନରେ ରହିଛି ।

# ବିସିସିଆଇ-ଏସିଆକପ୍

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ-ବିସିସିଆଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ଦୁଇଟି ପ୍ରମୁଖ ପ୍ରତିଯୋଗିତାରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି । ଏସୀୟ କ୍ରିକେଟ୍ ପରିଷଦ ପକ୍ଷରୁ ଏହି ଦୁଇଟି ମ୍ୟାଚ୍ ଆୟୋଜିତ ହେବ । ଆସନ୍ତା ମାସରେ ଶ୍ରୀଲଙ୍କାରେ ହେବାକୁ ଥିବା ମହିଳା ଏସିଆ କପ୍ କ୍ରିକେଟ୍‌ରୁ ଭାରତ ଓହରିଯିବାକୁ ନିଷ୍ପତ୍ତି ନେଇଥିବା ବେଳେ ଆସନ୍ତା ସେପ୍ଟେମ୍ବର ମାସରେ ବିସିସିଆଇ ଆୟୋଜନ କରିବାକୁ ଥିବା ପୁରୁଷ ଏସିଆ କପ୍‌ରୁ ମଧ୍ୟ ଓହରିଯିବାକୁ ନିଷ୍ପତ୍ତି ନେଇଛି । ପୁରୁଷ ଏସିଆକପ୍‌ରେ ଭାରତ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନ ଏବଂ ଶ୍ରୀଲଙ୍କା ଅଂଶଗ୍ରହଣ କରିବାର ଥିଲା । ବର୍ତ୍ତମାନ

ପାକିସ୍ତାନର ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ମୋହସିନ୍ ନକ୍‌ଭି ପାକିସ୍ତାନ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବାରୁ ଏହିସବୁ ପ୍ରତିଯୋଗିତା ଗୁଡ଼ିକରୁ ବିସିସିଆଇ ଓହରିଯିବାକୁ ନିଷ୍ପତ୍ତି ନେଇଛି ।

୨୦୨୩ ମସିହାରେ ମଧ୍ୟ ପାକିସ୍ତାନ ଦ୍ୱାରା ଆୟୋଜିତ ଏସିଆ କପ୍‌ରେ ଭାରତ' ପାକିସ୍ତାନରେ ଯାଇ ଖେଳିବାକୁ ମନା କରିଦେଇଥିଲା । ଫଳରେ ଶ୍ରୀଲଙ୍କାରେ ଉଭୟ ଦେଶ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।